
# ଓଡ଼ିଶାର ଐତିହ୍ୟ ଓ ଐଶ୍ୱର୍ଯ୍ୟର ଦୁର୍ଲ୍ଲଭ ଗବେଷକ : ସ୍ୱର୍ଗତଃ ପଣ୍ଡିତ ନୀଳମଣି ମିଶ୍ର



ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ

୧୮୬୭ରୁ ୧୯୯୭, ଏହି ୧୩୦ ବର୍ଷ ବ୍ୟବଧାନ ମଧ୍ୟରେ ଦୁଇ ଜଣ ପ୍ରମୁଖ ନୀଳମଣି ଉତ୍କଳର ପୁଣ୍ୟ ଭୂମିରେ ଜନ୍ମ ଗ୍ରହଣ କରି ସେମାନଙ୍କର କର୍ମମୟ ଜୀବନକୁ ମାତୃଭାଷା ଓ ସଂସ୍କୃତିର ପୁନରୁଦ୍ଧାର ଓ ବିକାଶ ନିମିତ୍ତ ଉତ୍ସର୍ଗ କରି ଅନ୍ତର୍ହିତ ହୋଇଛନ୍ତି ।

ଜଣେ ହେଲେ - ପ୍ରଖ୍ୟାତ ବିଦ୍ୱାନ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ । ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧି ତଥା ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧିରେ ସେ ନିଜର ଧୀଶକ୍ତିର ବିନିଯୋଗ କରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ସମାଜ ସଂସ୍କାର କ୍ଷେତ୍ରରେ ଜାଗରଣର ତୂର୍ଯ୍ୟନାଦ କରିଥିଲେ । ଓଡ଼ିଶାର ବଳିଷ୍ଠ ଭାଷା ଗଠନ ତଥା ସାଂସ୍କୃତିକ ଇତିହାସର ପୁନର୍ନିର୍ମାଣ କ୍ଷେତ୍ରରେ ଅମୀତ ଗୌରବ ଅର୍ଜ୍ଜନ କରିଥିବା 'ସମ୍ବଲପୁର ହିତୈଷିଣୀ'ର ଏହି ସୁଯୋଗ୍ୟ ସଂପାଦକ ନୀଳମଣି ମିଶ୍ର (ପରେ ନୀଳମଣି ବିଦ୍ୟାରତ୍ନ) ବାଙ୍କୀ ବୈଦ୍ୟେଶ୍ୱର ଗ୍ରାମରେ ତା.୧୪.୧୨.୧୮୬୭ରିଖରେ ଜନ୍ମ ଗ୍ରହଣ କରିଥିଲେ ।

ଶିକ୍ଷକରୁ ସଂପାଦକ (ଉତ୍କଳ ମଧୁପ, ପ୍ରଜାବନ୍ଧୁ, ଗଞ୍ଜାମ ଗୁଣ ଦର୍ପଣ), ସମାଜ ସଂସ୍କାରକ ତଥା ଭାଷା, ସାହିତ୍ୟ, ସଂସ୍କୃତିର ଜଣେ ବଳିଷ୍ଠ ଉଦ୍‌ଗାତା ଭାବରେ ନିଜର ପଦଚିହ୍ନ ରଖି ଶେଷରେ ତା.୨୬.୭.୧୯୨୩ରିଖରେ ମର ଜଗତରୁ ବିଦାୟ ନେଲେ ।

ଏହାପରେ ୧୯୨୯ ମସିହାରେ ଜନ୍ମ ନେଲେ ଆଉ ଜଣେ ନୀଳମଣି । ସେ' ବି ପଣ୍ଡିତ ନୀଳମଣି ମିଶ୍ର ନାମରେ ପରିଚିତ । ତାଙ୍କର କର୍ମମୟ ଜୀବନକାଳ ମଧ୍ୟରେ ଓଡ଼ିଶାର ପ୍ରାଚୀନ ପରମ୍ପରା, ଇତିହାସ, ଧର୍ମ, ସଂସ୍କୃତି, କଳା, ଜ୍ୟୋତିଷ, ପ୍ରତ୍ନତତ୍ତ୍ୱ ସମ୍ବନ୍ଧିତ ଅବଲୁପ୍ତ ଓ ବିସ୍ମୃତପ୍ରାୟ ପୋଥି ସାହିତ୍ୟର ପୁନରୁଦ୍ଧାର କରି ହୃତଗୌରବର ପୁନଃପ୍ରତିଷ୍ଠା କରିଛନ୍ତି ।

**ବାଲ୍ୟଜୀବନ ଓ ଶିକ୍ଷା**

ସ୍ୱର୍ଗତଃ ପଣ୍ଡିତ ନୀଳମଣି ମିଶ୍ର ଭଦ୍ରକ (ଅଧୁନା ଜିଲ୍ଲା)ର ଚରମ୍ପା ଗ୍ରାମରେ ତା.୧୨.୪.୧୯୨୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ପୁରୁଷୋତ୍ତମ ମିଶ୍ର । ମାତାଙ୍କ ନାମ ଗେହ୍ଲେଇ ଦେବୀ । ତାଙ୍କ ବାପା ଗ୍ରାମର ହନୁମାନ ମନ୍ଦିରର ପୂଜକ ଥିଲେ ତଥା ଆଖପାଖ ଗାଁର ଯଜମାନି କରି ପରିବାର ଚଳାଉ ଥିଲେ । ଯେତେବେଳେ ନୀଳମଣିଙ୍କୁ ମାତ୍ର ୭ ବର୍ଷ ବୟସ, ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା । ଏଣୁ ନୀଳମଣିଙ୍କ ବାଲ୍ୟକାଳ ନାନା ଦୁଃଖ ତଥା ଅନାଟନରେ କଟିଥିଲା । ଜଣେ ବିଧବା ବ୍ରାହ୍ମଣୀର ଅମନଯୋଗୀ ପୁତ୍ର ନୀଳମଣି ବାଲ୍ୟକାଳରୁ ବଞ୍ଚିବା ପାଇଁ ସଂଘର୍ଷ କରି ଚାଲିଥିଲେ । ଏଣୁ ତାଙ୍କର ବାଲ୍ୟଶିକ୍ଷା ବିଳମ୍ବରେ ଆରମ୍ଭ ହୋଇଥିଲା । ତାଙ୍କୁ ଯେତେବେଳେ ୧୯ ବର୍ଷ ବୟସ, ତାଙ୍କ ମା'ଙ୍କର ମଧ୍ୟ ମୃତ୍ୟୁ ଘଟିଲା ।

ଗ୍ରାମ ଚାଟଶାଳୀରେ ପାଠ ଆରମ୍ଭ କରି ଶେଷରେ ଭଦ୍ରକର ସଦାବର୍ତ୍ତ ମଠ (ଟୋଲ୍)ରେ ସଂସ୍କୃତ ଶିକ୍ଷା କଲେ । ଏହା ପରେ ଅଧିକ ଶିକ୍ଷା ପାଇଁ ପୁରୀକୁ ଆସିଲେ । ଏଠାରେ ସଂସ୍କୃତ ମହାବିଦ୍ୟାଳୟରେ ସାହିତ୍ୟ ବିଭାଗରେ ନାମ ଲେଖାଇ ୪ ବର୍ଷ ପଢ଼ିଲେ । ଏହି ସମୟରେ ତାଙ୍କର ଖୋରାକ ପୋଷାକ ଗଣ୍ଡାକ ଯୋଗାଡ଼ ପାଇଁ ଦୁର୍ଦ୍ଦଶାର ଅନ୍ତ ନଥିଲା । ଏପରିକି ଗୋଟିଏ ମଠରେ ରୋଷେଇ କରି ତାଙ୍କୁ ନିଜର ଦୁଇଓଳି ଆହାର ଯୋଗାଡ଼ କରିବାକୁ ପଡ଼ିଥିଲା । ବେଳେବେଳେ ତାଙ୍କୁ ଓଳିଏ ଖାଇ ଅଥବା ଉପାସରେ ଦିନ କାଟବାକୁ ପଡୁଥିଲା । ପରିଧାନ ବୋଲି ଖଣ୍ଡିଏ ଧୋତି, ଖଣ୍ଡିଏ କାମିଜ ଓ ଗୋଟିଏ ଗାମୁଛା । ତଥାପି ନୀଳମଣି ସବୁ କଷ୍ଟ ସମ୍ଭାଳି ପଢ଼ାରେ ମନଯୋଗୀ ହୋଇଥିଲେ । ତାଙ୍କର ଏହି କଷ୍ଟ ସହିଷ୍ଣୁତା ଗୁଣ ପରବର୍ତ୍ତୀ କାଳରେ ସାହାଯ୍ୟ କରିଥିଲା ।

ଏହି ପୁରୀରେ ଅଧ୍ୟୟନ କାଳରେ ସେ ରାଷ୍ଟ୍ରଭାଷା ପ୍ରଚାର କାର୍ଯ୍ୟକ୍ରମରେ ଆଗ୍ରହୀ ହୋଇ ଭାଗ ନେଇଥିଲେ, ଯାହା ତାଙ୍କୁ ପରବର୍ତ୍ତୀ କାଳରେ ମଧ୍ୟ ହିନ୍ଦୀ ଭାଷାର ଜଣେ ସଫଳ ସ୍ରଷ୍ଟା ଓ ଅନୁବାଦକ ଭାବରେ ବିପୁଳ ଖ୍ୟାତି ଆଣି ଦେଇଥିଲା ।

**ବୃତ୍ତି ଓ କର୍ମମୟ ଜୀବନ**

ପୁରୀରୁ ଶିକ୍ଷା (ସାହିତ୍ୟାଚାର୍ଯ୍ୟ) ସମ୍ପନ୍ନ ପରେ ନୀଳମଣି, ନିଜ ଗ୍ରାମକୁ ଫେରିଆସି ଜୀବିକା ଖୋଜିଲେ । ନିଜ ଗ୍ରାମ ଚରମ୍ପାର ରାମଚନ୍ଦ୍ର ବିହାରୀ ଲାଲ ଉଚ୍ଚ ବିଦ୍ୟାଳୟରେ ୧୯୫୨ରୁ ୧୯୫୫ ଯାଏ ଅଳ୍ପ ବେତନରେ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଭାବରେ ପଢ଼ାଇଲେ । ଏହି ସମୟରେ ସେ ଗ୍ରାମର କିଛି ଉନ୍ନତିମୂଳକ କାର୍ଯ୍ୟ ମଧ କରିଥିଲେ । ପିତୃମାତୃହୀନ ନୀଳମଣିଙ୍କର ଦୁର୍ଦ୍ଦିନରେ ତାଙ୍କର ବାଲ୍ୟବନ୍ଧୁ ଶ୍ରୀ ହରିଚରଣ ଅଗ୍ରୱାଲ ତଥା ଶ୍ରୀ ଗୌରାଙ୍ଗ ମହାପାତ୍ର ସାହାଯ୍ୟ କରିଥିବାରୁ ପରବର୍ତ୍ତୀ କାଳରେ ସେ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି ।

ସାହିତ୍ୟାଚାର୍ଯ୍ୟ ପରେ ନିଜର ଶ୍ରମ ଓ ଅଧ୍ୟୟନ ବଳରେ ସେ ରାଷ୍ଟ୍ରଭାଷା ରତ୍ନ ତଥା ପ୍ରାଚ୍ୟ ଭାଷା ସ୍ନାତକ (Bachelor of Oriental Language) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

**କର୍ମସ୍ଥଳୀ : ଓଡ଼ିଶା ରାଜ୍ୟ ସଂଗ୍ରହାଳୟ**

ଜୀବନରେ ଅତି ମହତ ଆକାଂକ୍ଷା ପୋଷଣ କରୁଥିବା ନୀଳମଣିଙ୍କ ପାଇଁ ଗ୍ରାମ୍ୟ ଶିକ୍ଷକ ଜୀବନ ଯଥେଷ୍ଟ ନଥିଲା । ସେ ଏକ ପ୍ରଶସ୍ତ ପରିବେଶର ସନ୍ଧାନରେ ଥିଲେ । ଏଣୁ ଚରମ୍ପା ହାଇସ୍କୁଲର ଶିକ୍ଷକତା ଛାଡ଼ି ଓଡ଼ିଶାର ଐତିହ୍ୟର ପ୍ରଜ୍ଞାପୀଠ ରାଜ୍ୟ ସଂଗ୍ରହାଳୟରେ ୧୯୫୬ ମସିହା ଜାନୁଆରୀ ୧ ତାରିଖରେ ଜଣେ ପାଣ୍ଡୁଲିପି ପାଠକ ଭାବରେ ଯୋଗ ଦେଲେ । ଏହିଠାରେ ସୁଦୀର୍ଘ ୩୧ ବର୍ଷ କାଳ ନିଷ୍ଠାପର ଭାବରେ କାମ କରି ଶେଷରେ ତା.୩୦.୪.୧୯୮୭ରିଖରେ 'କ୍ୟୁରେଟର' ପଦରୁ ଅବସର ନେଲେ । ଏହିଠାରେ ସେ ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ଡ. ସତ୍ୟନାରାୟଣ ରାଜଗୁରୁ, ପ୍ରସିଦ୍ଧ ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ, କେଦାରନାଥ ମହାପାତ୍ର, ଡ. ସୁଶୀଳ କୁମାର ଦେ' ପ୍ରଭୃତି ବିଦ୍ୱାନଙ୍କ ଦ୍ୱାରା ପ୍ରଭାବିତ ହେଲେ । ସେମାନଙ୍କର ପ୍ରେରଣା ଓ ଉପଦେଶ ଲାଭ କରି ବହୁ ପ୍ରାଚୀନ ପୋଥିର ସନ୍ଧାନ କଲେ । ରାଜ୍ୟ ସଂଗ୍ରହାଳୟର ମାହାତ୍ମ୍ୟ ବୌଦ୍ଧିକ ପରିବେଶ ଓ ସଜ୍ଜନ ସଂଗତିରୁ ତାଙ୍କର ବ୍ୟକ୍ତିତ୍ୱ ବିକଶିତ ହେବାକୁ ଲାଗିଲା ।

ରାଜ୍ୟ ସଂଗ୍ରହାଳୟରେ ପୋଥି ବିଭାଗରେ କାର୍ଯ୍ୟ କରୁଥିବାବେଳେ ପ୍ରାଚୀନ ଓ ମଧ୍ୟଯୁଗୀୟ ଅନ୍ଧାର ଶାମୁକା ଗର୍ଭରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି, କଳା, ସଂଗୀତ, ଜ୍ୟୋତିଷ, ବିଜ୍ଞାନ, ପ୍ରତ୍ନତତ୍ତ୍ୱ, ପୁରାଣ, ଦର୍ଶନ, ଧର୍ମ, ଭାସ୍କର୍ଯ୍ୟର ୪୦୦୦ ଦୁର୍ଲ୍ଲଭ ମୁକ୍ତା ସଦୃଶ ଦୁଷ୍ପ୍ରାପ୍ୟ ପୋଥି ଉଦ୍ଧାର କରିଥିଲେ । ସେଗୁଡ଼ିକର ପଞ୍ଜୀକରଣ, ପାଠୋଦ୍ଧାର ସହିତ ସମ୍ପାଦନା ତଥା ଗବେଷଣା ଧର୍ମୀ ଟିପ୍ପଣୀ ଲିପିବଦ୍ଧ କରିଥିଲେ । ଏହିଠାରେ ସେ ନିଜର ପାଣ୍ଡିତ୍ୟର ପରିଚୟ ଦେଇ ପଣ୍ଡିତ ନୀଳମଣି ମିଶ୍ର ଭାବରେ ପରିଚିତ ହେଲେ ।

ଓଡ଼ିଶାରେ ୧୬ଶ ଶତାବ୍ଦୀ ପୂର୍ବରୁ କାଗଜର ପ୍ରଚଳନ ନଥିବାରୁ ବିଦ୍ୱାନ ପଣ୍ଡିତଗଣ ତନ୍ତ୍ର, ଶିଳ୍ପ, ଜ୍ୟୋତିଷ, ବ୍ୟାକରଣ, କାବ୍ୟ ଆଦି ବିଦ୍ୟା ବିଷୟକୁ ତାଳପତ୍ର ଓ ଭୁଜପତ୍ରରେ ଲୁହା ଲେଖନୀରେ ଲେଖିଯାଇଛନ୍ତି । ତାହା ବିଭିନ୍ନ ମଠ, ରାଜ ଦରବାର, ପାଠାଗାର, ଟୁଙ୍ଗୀ ତଥା ବ୍ୟକ୍ତି ବିଶେଷଙ୍କଠାରେ ବିକ୍ଷିପ୍ତ ଭାବରେ ରହିଥିବାରୁ ତାହାର ସଂଗ୍ରହ କଷ୍ଟସାଧ୍ୟ ଥିଲା ।

ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ଯିଏବି ପଣ୍ଡିତ ମିଶ୍ରଙ୍କୁ ଭେଟିଛି, ଦେଖିଛି ଚାରିପାଖରେ, ବେଞ୍ଚଚୌକୀ ଉପରେ ବିଡ଼ାବିଡ଼ା ତାଳପତ୍ର ପୋଥି, ଟେବୁଲ୍ ଉପରେ ଅଧାମେଲା ପୋଥି, ବାଁ ହାତରେ ପୋଥି ମେଲାଇ ଧରି ଡାହାଣ ହାତରେ କଲମ ଧରି ଏକ ଲୟରେ ଚାଲିଥାଏ 'ତାଳପତ୍ର ପୋଥିର ସୂଚନାତ୍ମକ ବିବରଣୀ'ର ପ୍ରସ୍ତୁତି ।

ଐତିହାସିକ କେଦାରନାଥ ଯେଉଁ ପୋଥି ବିଭାଗରେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରି 'ପୋଥିନାଥ'ର ଆଖ୍ୟା ଅର୍ଜନ କରିଥିଲେ, ତାଙ୍କରି ଉତ୍ତରାଧିକାରୀ ଭାବରେ ନୀଳମଣିଙ୍କୁ ସମସ୍ତେ 'ପୋଥିମଣି' ବୋଲି କହିବାକୁ ଲାଗିଲେ । ତାଳପତ୍ର ପୋଥିଗୁଡ଼ିକରେ ସନ୍ନିବିଷ୍ଟ ବିଷୟଗୁଡ଼ିକର ଉପଯୁକ୍ତ ପାଠୋଦ୍ଧାର ଓ ସମ୍ପାଦନା ହେବା ଫଳରେ ଏହା ପୁସ୍ତକ ଆକାରରେ ଅଥବା ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଲୋକଲୋଚନକୁ ଆସିଲା । ଫଳତଃ ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ଐଶ୍ୱର୍ଯ୍ୟର ଗାଥା ସମସ୍ତଙ୍କୁ ଚମତ୍କୃତ କଲା । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ୱାଭିମାନ ପୁନଃପ୍ରତିଷ୍ଠା ଲାଭ କଲା ।

ପଣ୍ଡିତ ନୀଳମଣି ନିଜର ପଥପ୍ରଦର୍ଶକ କେଦାରନାଥଙ୍କ ସହ ମିଶି ବିଭିନ୍ନ ଗାଁଗଣ୍ଡାର ଲୋକଙ୍କୁ ସାଉଁଳେଇ, କାହାକୁ ଅର୍ଥ ପ୍ରଲୋଭନ ଦେଖାଇ, ପୋଥିସଂଗ୍ରହ କରିଥିଲେ । ସେଥିରୁ ଧୂଳିମଳି ଝାଡ଼ି ଆରଦଯତ୍ନ ସହକାରେ ସଜାଡ଼ି ରଖୁଥିଲେ । ନିରୀକ୍ଷଣ ଓ ଅଧ୍ୟୟନପୂର୍ବକ ଆଧୁନିକ ଢଙ୍ଗରେ ସଂକଳନ କରୁଥିଲେ । ସଂସ୍କୃତ ଓ ଓଡ଼ିଆ ବ୍ୟତୀତ, ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରାପ୍ତ ପର୍ସିଆନ୍, ବଙ୍ଗଳା, ତେଲୁଗୁ, ଦେବନାଗରୀ ଲିପିର ଲିଖିତ ବହୁ ପୋଥିର ସେ ବର୍ଗୀକରଣ ମଧ କରିଥିଲେ ।

ଏହି କ୍ଷେତ୍ରରେ ସାର୍ ଉଇଲିୟମ୍ ଜୋନ୍ସ ଥିଲେ ପ୍ରଥମ । ତାଳପତ୍ର, ଭୁଜପତ୍ର, ପୋଥି ସଂଗ୍ରହ, ସଂରକ୍ଷଣ ତଥା ଗବେଷଣାର ପ୍ରଥମ ମାର୍ଗ ଦର୍ଶକ । ତାଙ୍କ ଦେଖାଦେଖି ବହୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଗବେଷକ ଓଡ଼ିଶାର ତାଳପତ୍ର ପୋଥି ପ୍ରତି ଆଗ୍ରହ ପ୍ରକାଶ କରି ଏହାର ଗବେଷଣା ଚଳାଇ ଥିଲେ । ନିଜେ ନୀଳମଣି ଏହି କାର୍ଯ୍ୟରେ ନିମଜ୍ଜମାନ ହେବା ସହିତ ଆଗ୍ରହୀ ଗବେଷକ, ଛାତ୍ର ଓ ଅଧ୍ୟାପକଙ୍କୁ ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରୁଥିଲେ ।

ତାଳପତ୍ର ପୋଥିରୁ ଉଦ୍ଧାର କରି ବଳିଷ୍ଠ ପ୍ରମାଣ ସହିତ ପଣ୍ଡିତ ନୀଳମଣି ମିଶ୍ର ପ୍ରମାଣିତ କରି ଦେଇଥିଲେ ଯେ ସର୍ବଭାରତୀୟ ସ୍ତରରେ

ଖ୍ୟାତି ଅର୍ଜନ କରିଥିବା ସଂସ୍କୃତ କବି ବିଷ୍ଣୁ ଶର୍ମା, ଭଟ୍ଟ ନାରାୟଣ, ଶ୍ରୀହର୍ଷ, ଏହି ଓଡ଼ିଶା ମାଟିରେ ଜନ୍ମି ଥିଲେ । ସଂସ୍କୃତି ସାହିତ୍ୟକୁ ଓଡ଼ିଶାର ବିଦ୍ୱାନ ପଣ୍ଡିତମାନଙ୍କ ବିପୁଳ ଅବଦାନ ସଂପର୍କରେ ସେ ସନ୍ଦର୍ଭ ଲେଖି ଲୋକଲୋଚନକୁ ଆଣିଥିଲେ ।

ଜୟଦେବଙ୍କ ଅମରକୃତି ଗୀତଗୋବିନ୍ଦ ଉପରେ ପଣ୍ଡିତ ମିଶ୍ରଙ୍କର ଗବେଷଣା ଥିଲା - ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ନିଜେ ପଶ୍ଚିମବଙ୍ଗର ଅଜୟ ନଦୀ ତୀରବର୍ତ୍ତୀ ବୀରଭୂମି ଜିଲ୍ଲା ତଥା ଓଡ଼ିଶାର ପ୍ରାଚୀନଦୀ ତୀରବର୍ତ୍ତୀ କେନ୍ଦୁଲି (କେନ୍ଦୁବିଲ୍ୱ) ଗ୍ରାମ ପରିଦର୍ଶନ କରି, ଜୟଦେବଙ୍କ ପ୍ରକୃତ ଜନ୍ମସ୍ଥାନ ଓଡ଼ିଶାର କେନ୍ଦୁଲିଗ୍ରାମ ବୋଲି ଅକାଟ୍ୟ ପ୍ରମାଣ ସହ ଉପସ୍ଥାପନ କରିଥିଲେ । ଫଳତଃ ଯେଉଁମାନେ ଜୟଦେବଙ୍କୁ ନିଜ ରାଜ୍ୟର କବି ବୋଲି ଆସ୍ଫାଳନ କରୁଥିଲେ, ସେମାନେ ସେଥିରୁ ନିବୃତ୍ତ ହେଲେ ।

### ସୃଷ୍ଟି ସମ୍ଭାର ଓ ସ୍ରଷ୍ଟା ନୀଳମଣି

ଅନୁକୂଳ ବୌଦ୍ଧିକ ପରିବେଶ, ସଜ୍ଜନ ସଂଗତି, ଗଭୀର ଅଧ୍ୟୟନ ତୃଷ୍ଣା, ନିରଳସ ଶ୍ରମ, ସାଧନା ଓ ନିଷ୍ଠା ଗବେଷଣା ପ୍ରବଣତା, ଧୈର୍ଯ୍ୟ ତଥା ସହିଷ୍ଣୁତା ସହିତ ହିନ୍ଦୀ, ବଙ୍ଗଳା, ସଂସ୍କୃତ ଆଦି ବହୁଭାଷାର ପ୍ରଗଳ୍ଭ ପାଣ୍ଡିତ୍ୟ ତାଙ୍କଠାରେ ଗ୍ରନ୍ଥ ରଚନାର ଆତୁରତା ସୃଷ୍ଟି କରିପାରିଥିଲା ବୋଲି କୁହାଯାଇପାରେ ।

ତାଙ୍କ ଚତୁପାର୍ଶ୍ୱରେ ଯେଉଁମାନେ ଯେଉଁ କ୍ଷେତ୍ରରେ ଥିଲେ ବି ସେମାନେ ସବୁଥିଲେ ଜ୍ଞାନରେ ଗରିଷ୍ଠ, ବୟସରେ ବରିଷ୍ଠ, ବିଦ୍ୟାବିନୟ ନିପୁଣ ତଥା ସମ୍ମାନାସ୍ପଦ । ସେମାନଙ୍କ ମଧ୍ୟରେ ଥିଲେ ପ୍ରଖ୍ୟାତ ଐତିହାସିକ ଓ ରାଜନେତା ଡ. ହରେକୃଷ୍ଣ ମହତାବ, ସୁସାହିତ୍ୟିକ ଜାନକୀ ବଲ୍ଲଭ ପଟ୍ଟନାୟକ, ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ, ଲିପି ତତ୍ତ୍ୱବିତ୍ ଡ. ସତ୍ୟନାରାୟଣ ରାଜଗୁରୁ, ବିଶିଷ୍ଟ ସାହିତ୍ୟିକ ମାୟାଧର ମାନସିଂହ, ଐତିହାସିକ କୃଷ୍ଣଚରଣ ପାଣିଗ୍ରାହୀ, କେଦାରନାଥ ମହାପାତ୍ର, ନବୀନ କୁମାର ସାହୁ ଇତ୍ୟାଦି । ତେଣୁ ସେମାନଙ୍କ ସଂସ୍ପର୍ଶରେ ଆସି ତଥା ପ୍ରେରଣା ଲାଭ କରି ସେ ସାରସ୍ୱତ ସର୍ଜନାରେ ମଗ୍ନ ଥିଲେ । ମୌଳିକ ପୁସ୍ତକ ସମେତ ଶତାଧିକ ପୁସ୍ତକର ସମ୍ପାଦନା ତଥା ଅନୁବାଦ କାର୍ଯ୍ୟ ସେ କରିଥିଲେ । ତାଙ୍କର ସାରସ୍ୱତ କୃତି ଭିତରେ ଥିଲା -

| | |
|---|---|
| ମୌଳିକ ରଚନା - | ୩୫ ଖଣ୍ଡ |
| ଅନୁବାଦ ଗ୍ରନ୍ଥ - | ୨୧ ଖଣ୍ଡ |
| ସମ୍ପାଦିତ ଗ୍ରନ୍ଥ - | ୨୭ ଖଣ୍ଡ |
| ଶିଶୁ ସାହିତ୍ୟ - | ୮ ଖଣ୍ଡ |

ଏହାବ୍ୟତୀତ ୧୫ ଖଣ୍ଡରୁ ଊର୍ଦ୍ଧ୍ୱ ଅପ୍ରକାଶିତ ପାଣ୍ଡୁଲିପି ଅଛି, ସେଗୁଡ଼ିକ ମଧ୍ୟରେ - ପୁରାଣ, ଧର୍ମ, ନାଟକ, କାବ୍ୟ, କବିତା, ଉପନ୍ୟାସ, ଗଳ୍ପ, ଇତିହାସ, ଜୀବନୀ, ବିଜ୍ଞାନ, ପ୍ରତ୍ନତତ୍ତ୍ୱ, ଶିଶୁ ସାହିତ୍ୟ ଇତ୍ୟାଦି । ଏହାର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା -

### କ. ମୌଳିକ ରଚନା -

ଓଡ଼ିଆ ରାମ ସାହିତ୍ୟ (ଓ.ସା.ଏ.-୧୯୬୦), ଓଡ଼ିଶା ସଂସ୍କୃତ ଲେଖା ଓ ଲେଖକ (ଓ.ସା.ଏ.-୧୯୬୯), ଓଡ଼ିଆ କବି ଓ କାବ୍ୟ (ଓ.ସା.ଏ. - ୧୯୬୯), ଓଡ଼ିଆ ନାଟକ ଔର ରଙ୍ଗମଞ୍ଚ (ହିନ୍ଦୀ ଅଭିନବ ଭାରତୀ, ଆହ୍ଲାବାଦ - ୧୯୭୨), ଓଡ଼ିଆ ପୋଇ ସାହିତ୍ୟ (ଓ.ସା.ଏ. - ୧୯୭୨), ଉତ୍କଳୀୟ ରାମ ସାହିତ୍ୟ (ହିନ୍ଦୀ - ପୁରସ୍କୃତ : ଅଭିନବ ଭାରତୀୟ, ଆହ୍ଲାବାଦ - ୧୯୭୫), ଆଲୋଚନା (ରାଷ୍ଟ୍ରଭାଷା ପ୍ରକାଶନ, କଟକ - ୧୯୭୬), ପ୍ରାଚୀନ ଓଡ଼ିଆ ଲିପି ଭାଷା ସାହିତ୍ୟ (ଗ୍ରନ୍ଥ ମନ୍ଦିର, କଟକ - ୧୯୭୬), ଭକ୍ତକବି ସାଲବେଗ, ଜୀବନୀ ଓ ପଦାବଳୀ : ଗ୍ରନ୍ଥ ମନ୍ଦିର ୧୯୭୬), ଭକ୍ତକବି ବାଲିଗାଁ ଦାସ, ଜୀବନୀ ଓ ରଚନା (ଗ୍ରନ୍ଥ ମନ୍ଦିର - ୧୯୭୮) ଭାରତୀୟ ତନ୍ତ୍ର ଶାସ୍ତ୍ର (ରାଷ୍ଟ୍ରଭାଷା ପ୍ରେସ୍ - ୧୯୭୯), ଭକ୍ତକବି ସୁରଦାସ : ଜୀବନୀ ଓ ପଦ୍ୟାବଳୀ (ଗ୍ର. ମନ୍ଦିର - ୧୯୭୯), ଭକ୍ତକବି ତୁଳସୀ ଦାସ : ଜୀବନୀ, ଆଲୋଚନା ଓ ପଦ୍ୟାବଳୀ (ଗ୍ରନ୍ଥ ମନ୍ଦିର - ୧୯୮୦), ଓଡ଼ିଆ ଗୀତିକାବ୍ୟର ଭୂମି ଓ ଭୂମିକା (ପୁସ୍ତକ ଭଣ୍ଡାର - ୧୯୮୦), କବି ବନମାଳୀ ଦାସ (ଓ.ସା.ଏ. - ୧୯୮୦), କବି ଜଗନ୍ନାଥ ପାଣି (ସୁଶ୍ରୀ ପ୍ରକାଶନୀ - ୧୯୮୨), ଓଡ଼ିଶାରେ ସଂସ୍କୃତ ଚର୍ଚ୍ଚାର ପରମ୍ପରା (ଓ.ସା.ଏ - ୧୯୮୨), ଓଡ଼ିଆ ଅଣଓଡ଼ିଆ କବିଙ୍କ ଭାଷାନ୍ତର ରଚନା (ଓ.ସା.ଏ.-୧୯୮୨), ଓଡ଼ିଆ ତାନ୍ତ୍ରିକ କଳା (ଓ.ସା.ଏ.-୧୯୮୨), ଓଡ଼ିଆ କାବ୍ୟଧାରା (ଓ.ସା.ଏ. - ୧୯୮୨), ପୋଥିଘର (ଓ.ସା.ଏ. - ୧୯୮୨), ଐତିହାସିକ କେଦାରନାଥ (କେଦାରନାଥ ଗବେଷଣା ପ୍ରତିଷ୍ଠାନ - ୧୯୮୩), ସଂପୂର୍ଣ୍ଣ କଥା ଭାଗବତ (ଗ୍ର.ମ. - ୧୯୮୪), Salabega (English-Rastrabhasa Press), ଛଇଳା ରାଧା (ଉପନ୍ୟାସ - ୧୯୮୭), ଶିବପୁରାଣ କଥା (ଗ୍ର.ମ. - ୧୯୮୭) ସନ୍ଥ କବୀର ଦାସ - ଜୀବନୀ ଓ ପଦ୍ୟାବଳୀ (ଗ୍ର.ମ. - ୧୯୮୯), ବିଷ୍ଣୁ ପୁରାଣ କଥା (ଗ୍ର.ମ. - ୧୯୮୯), ବାମନ ପୁରାଣ କଥା (ଗ୍ର.ମ. - ୧୯୯୦) ମାର୍କଣ୍ଡେୟ ପୁରାଣ କଥା (ଗ୍ର.ମ. - ୧୯୯୦), କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (ଓ.ସା.ଏ. - ୧୯୯୧), ବରାହ ପୁରାଣ କଥା (ଗ୍ର.ମ. - ୧୯୯୧), ମତ୍ସ୍ୟ ପୁରାଣ କଥା (ଗ୍ର.ମ. - ୧୯୯୫), ଭାରତ ଦର୍ଶନ : ତୀର୍ଥ ଭ୍ରମଣ (କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର - ୧୯୯୬) ।

### ଖ. ଅନୁଦିତ ଗ୍ରନ୍ଥ -

ବାମମାର୍ଗ (ଗ୍ରନ୍ଥ ମନ୍ଦିର - ୧୯୬୭), ମୋ ପତି ମୋ ଦେବତା (କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର - ୧୯୬୮), କାଶ୍ମୀର ଏକ

ସ୍ୱପ୍ନିଳ ବାସ୍ତବ (ସନ୍ତୋଷ ପବ୍ଲିକେସନ - ୧୯୭୨), ମୃଗନୟନା (୧୯୭୨), ଦରବାର ରହସ୍ୟ (କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର - ୧୯୭୭), ଯଯାତି (ଗ୍ରନ୍ଥ ମନ୍ଦିର - ୧୯୮୦), ମଶାଣିର ଦୀପ (ଗ୍ର.ମ. - ୧୯୮୦), ବୁଢ଼ୀ ମା' (ଗ୍ର.ମ. - ୧୯୮୧), ବେଗମ୍ ସମ୍ରୁ (କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍ - ୧୯୮୧), ରାଜସିଂହ (ଗ୍ର.ମ. - ୧୯୮୭), ଅଲାଜୁକ ସାବଧାନ (ଗ୍ର.ମ. - ୧୯୮୪), କଥାଟିଏ କହୁଁ (ଗ୍ର.ମ. - ୧୯୮୪), କଲିକତାର ଉପକଣ୍ଠେ (ଗ୍ର.ମ. - ୧୯୮୪), କେତେ ନଚାଇବ ଗୋପାଳ (କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ : ଗ୍ର.ମ. - ୧୯୮୭), ଇନ୍ଦୁରୁ ପ୍ରଧାନମନ୍ତ୍ରୀ (ଗ୍ର.ମ. - ୧୯୮୮), ମରୁମୃଗୟା (ଗ୍ର.ମ. - ୧୯୮୧), ହିରଣ୍ୟଗଡ଼ର ବଧୂ (ଗ୍ର.ମ. - ୧୯୯୨), ଭାଗବତ କଥା - ୧୦ ଖଣ୍ଡ (କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍ - ୧୯୮୭) ଚନ୍ଦ୍ରକାନ୍ତା (ଗ୍ର.ମ. - ୧୯୯୬), ଯୁବରାଜ (ଦିବ୍ୟଦୂତ ପ୍ରକାଶନ - ୧୯୯୭), ଆତ୍ମବିକାଶ (ଚିନ୍ମୟ ମିଶନ) ।

**ଗ. ସମ୍ପାଦିତ ଗ୍ରନ୍ଥ :**

ଗୋପୀଚନ୍ଦନ (ଓ.ସା.ଏ. - ୧୯୬୦), ନଅପୋଇ (ଓ.ରା.ସଂ. - ୧୯୬୬), Descriptive Catalogue of Oriya Manuscripts - Vol.-VI (Orissa State Museum - 1970) Vol.-VII & VIII (1971), Alphabetical Catalogue of Oriya Manuscripts (1972), Sanskrit Manuscripts (Part- I, 1973), Vol.-I (O.S.M.-1973), ଓଡ଼ିଆ କୋଇଲି ସାହିତ୍ୟ (ସଂସ୍କୃତି ନିର୍ଦ୍ଦେଶାଳୟ - ୧୯୭୩), ଓଡ଼ିଆ ଭଜନ ସାହିତ୍ୟ (୩ ଖଣ୍ଡ) ୧୯୭୩), Alphabetical Catalogue of Sanskrit Manuscripts-Vol.-II (1974), ଦକ୍ଷଯଜ୍ଞ (ଗୀତାଭିନୟ - ଓ.ସା.ଏ. - ୧୯୭୫), Descriptive Catalogue of Oriya-Manuscripts-Vol.-VIII (OSM-1973), Vol-IX (1974), Vol-X (1979), Alphabetical Catalogue of Authors (OSM-1983), ଖଲିକୋଟ ଯୁଦ୍ଧ (ଏଷଣା - ୧୯୮୨), ରାମଲୀଳା (୩ ଖଣ୍ଡ) (ଓ.ସା.ଏ. - ୧୯୮୨), ଛାମୁ ଚିଟାଉ (ଏଷଣା - ୧୯୮୫), ଭାଗବତ ସଦୂକ୍ତି ରତ୍ନାବଳୀ (ଗ୍ର.ମ. - ୧୯୮୫), ହାରାବତୀ (ଏଷଣା - ୧୯୮୭), ଶ୍ରୀଜଗନ୍ନାଥ ଦାସକୃତ ଭାଗବତ (୯ ଖଣ୍ଡ : ଓ.ସା.ଏ. - ୧୯୮୪-୧୯୮୯), ଆର୍ଷ ରାମାୟଣ (ମଞ୍ଜୁଶ୍ରୀ ମିଶ୍ର - ୧୯୯୨), ଶ୍ରୀଜଗନ୍ନାଥ ଭଜନ ସାର ସଂଗ୍ରହ (ସୂଚନା ଓ ଲୋକ ସଂପର୍କ ବିଭାଗ - ୧୯୯୪), ଶ୍ରୀଗୀତଗୋବିନ୍ଦ (ଗ୍ର.ମ. - ୧୯୯୪), ବୌଦରାଜ ବଂଶାବଳୀ (KGP - ୧୯୯୬) ।

**ଘ. ଶିଶୁ ସାହିତ୍ୟ -**

ଅଚ୍ଛବ ଦାସିଆ (ଗ୍ର.ମ.-୧୯୮୭), ଆମ ଓଡ଼ିଶାର ପ୍ରାଚୀନ କୀର୍ତ୍ତି (ଗ୍ର.ମ.-୧୯୮୯), ଭକତବନ୍ଧୁ ହରି (ଗ୍ର.ମ.-୧୯୮୯), ଚକାନୟନ (ଗ୍ର.ମ.-୧୯୮୯), ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନ (ଗ୍ର.ମ.-୧୯୮୯), ଦଶାବତାର (୧୦ ଖଣ୍ଡ-ବିଦ୍ୟାପୁରୀ-୧୯୮୯), ନୀଳାଚଳ କାହାଣୀ (ଗ୍ର.ମ.-୧୯୯୦), ଜଗନ୍ନାଥ ଲୀଳା (ଗ୍ର.ମ.-୧୯୯୧) ।

**ଅପ୍ରକାଶିତ ରଚନାବଳୀ -** ପଦ୍ମପୁରାଣ କଥା, ପଥ ଓ ପଥିକ, ଶ୍ରୀକୃଷ୍ଣ (ଉପନ୍ୟାସ), ଚନ୍ଦ୍ରିକା, ଲିଙ୍ଗପୁରାଣ କଥା, ବ୍ରହ୍ମ ପୁରାଣ କଥା, ସୂର୍ଯ୍ୟରଥ (ଅନୁଦିତ ଉପନ୍ୟାସ) ଇତ୍ୟାଦି ।

ତାଙ୍କର ପ୍ରଥମ ପ୍ରବନ୍ଧ 'ସଚ୍ଚିତ୍ର ରାମାୟଣ ଓ କବି ବନମାଳୀ' ଆଲୋଚନାଟି ଝଙ୍କାର ପତ୍ରିକାରେ ପ୍ରକାଶିତ ହେବା ପରେ, ସେହିଦିନୁ ଅର୍ଥାତ୍ ୧୯୬୦ରୁ ୧୯୯୭ ପର୍ଯ୍ୟନ୍ତ (ମୃତ୍ୟୁ) ଓଡ଼ିଶାର ପତ୍ରପତ୍ରିକାରେ ଓଡ଼ିଆ-ହିନ୍ଦୀ ଇଂରାଜୀରେ ନିରବଚ୍ଛିନ୍ନ ଭାବରେ ବିବିଧ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଗବେଷଣା ଧର୍ମୀ ପ୍ରକାଶିତ ପ୍ରବନ୍ଧର ସେ ଥିଲେ ସ୍ରଷ୍ଟା ।

ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ, ପ୍ରଖର ସ୍ମରଣ ଶକ୍ତି, ଦୁର୍ବାର-ଜିଜ୍ଞାସା । ଏଣୁ ତାଙ୍କ ସହିତ ଏକ ଟେବୁଲ୍‌ରେ ବସି କାମ କରୁଥିବା ଜଣେ କନିଷ୍ଠ ସହକର୍ମୀ କହନ୍ତି ଯେ, 'ଏତେଗୁଡ଼ିଏ ପ୍ରବନ୍ଧ ଓ ପୁସ୍ତକ ଲେଖି ପାରିବାର ଗୋଟିଏ ଗୁପ୍ତ ରହସ୍ୟ ହେଲା ଏହି ଯେ, ସେ କୌଣସି ଲେଖା ଦ୍ୱିତୀୟ ଥର ଲେଖନ୍ତି ନାହିଁ । କାଗଜ ବାହାର କରି, କଲମ ଧରି, ଯାହା ଲେଖୁଥିଲେ ସେଇଟା ହିଁ ଫାଇନାଲ । ଏପରିକି ଦୁରୂହ ଅନୁବାଦ କାର୍ଯ୍ୟ ମଧ୍ୟ ସେହିପରି ଥରକେ କରୁଥିଲେ ।'

**ଗବେଷକଙ୍କ ପ୍ରେରଣା ଉତ୍ସ**

ପଣ୍ଡିତ ନୀଳମଣି ଥିଲେ ବୌଦ୍ଧିକତାର ମୂର୍ତ୍ତିମନ୍ତ ପ୍ରତୀକ । ନିଜେ ଜଣେ ଚଳନ୍ତି ସାରସ୍ୱତ ଅନୁଷ୍ଠାନ ଯାହାଙ୍କ ମଗଜରେ ପ୍ରାଚୀନ ସାହିତ୍ୟ, ସଂସ୍କୃତିର ବିଡ଼ା ବିଡ଼ା ପୋଥି ସଜା ହୋଇ ଥୁଆ ହୋଇଥିଲା । ତେଣୁ ଓଡ଼ିଶାର କୀର୍ତ୍ତି ଓ ଗୌରବକୁ ଭାରତ ଓ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଯେତେବେଳେ ଯେଉଁ ତରୁଣ ଗବେଷକ, ଅଧ୍ୟାପକ ତାଙ୍କ ପାଖକୁ ଆସୁଥିଲେ, ସେ ତାଙ୍କୁ ତଥ୍ୟ, ସୂତ୍ର, ପୁସ୍ତକ ଯୋଗାଇ ଦେବା ସହିତ ସେମାନଙ୍କୁ ଉତ୍ସାହିତ କରୁଥିଲେ । ଏଣୁ ଲେଖକ, ସାହିତ୍ୟିକ, ଗବେଷକ ଗଢ଼ି ତୋଳିବାରେ ସେ ଥିଲେ ପ୍ରେରଣାର ଉତ୍ସ ଓ ଅଭିଭାବକ ତୁଲ୍ୟ ବ୍ୟକ୍ତି । ତାଙ୍କ ଦ୍ୱାରା ଅନୁପ୍ରେରିତ ବହୁ ଅଧ୍ୟାପକ, ଗବେଷକ, ଛାତ୍ର, ପରବର୍ତ୍ତୀ ଜୀବନରେ ବହୁ ଗୌରବର ଅଧିକାରୀ ହୋଇପାରିଛନ୍ତି । ତାଙ୍କ ସମସାମୟିକ ତଥା ସହକର୍ମୀ ଡ. ଭଗବାନ ପଣ୍ଡା, ଡ. ରବିନାରାୟଣ ଦାଶ, ଡ. ଜଗବନ୍ଧୁ ପାଢ଼ୀ ପ୍ରଭୃତି କୃତବିଦ୍ୟ ସାହିତ୍ୟିକଙ୍କ ନାମ ଏ ସମ୍ବନ୍ଧରେ ସ୍ମରଣୀୟ ।

ତେବେ ସମସ୍ତ ଜାଗତିକ ବାଧାବିଘ୍ନ ଜଞ୍ଜାଳକୁ ଆତ୍ମସାତ୍ କରି ଏହି କର୍ମଯୋଗୀ ନିରଳସ ଭାବରେ ଖଟି ଚାଲିଥିଲେ ତଥା ଆଉ ଅନ୍ୟ ଆଗ୍ରହୀ ବିଦ୍ୱାନଙ୍କୁ ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରୁଥିଲେ । କେତେ କଲମ ନ ଧରିବା ହାତରେ ସଜାଡ଼ି କଲମ ଧରାଇଛନ୍ତି । କେତେ ନିରୁତ୍ସାହୀ ସାଧକଙ୍କ ଅଣ୍ଟା ସଳଖି ଦେଇଛନ୍ତି । ସେ ହିନ୍ଦୀରେ 'ରତ୍ନ' ପାସ୍ କରିଥିବାରୁ ହିନ୍ଦୀରୁ ଓଡ଼ିଆ ଅନୁବାଦ ତଥା ହିନ୍ଦୀରେ ଓଡ଼ିଆ ମୌଳିକ ଗ୍ରନ୍ଥ ଲେଖିବାରେ ପାରଙ୍ଗମତା ଅର୍ଜନ କରିଥିଲେ ।

**ସମ୍ମାନ ଓ ସମ୍ବର୍ଦ୍ଧନା**

ଓଡ଼ିଆ ଭାଗବତର ଶୁଦ୍ଧ ସଂସ୍କରଣ, ମୋ ପତି ମୋ ଦେବତା (ଅନୁବାଦ), ଯଯାତି (ଅନୁବାଦ), କେତେ ନଚାଇବ ଗୋପାଳ (ଅନୁବାଦ), ଜୟଦେବ ଓ ଗୀତଗୋବିନ୍ଦ ତାଙ୍କୁ ବିପୁଳ ଖ୍ୟାତି ଓ ସମ୍ମାନ ଆଣି ଦେଇଥିଲା ।

ଜଣେ ନୀରବ ଓ ନିରହଙ୍କାର ସାରସ୍ୱତ ସାଧକ, ପଣ୍ଡିତ ମିଶ୍ର କଦାପି ସମ୍ମାନ ଓ ପୁରସ୍କାର, ସମ୍ବର୍ଦ୍ଧନା ପ୍ରତି ଆତୁରତା ପ୍ରକାଶ କରି ନଥିଲେ । ମାତ୍ର ସେ ସବୁ ତାଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଥିଲା । ସେ ସରକାରୀ-ବେସରକାରୀ, ରାଜ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି । ସେଗୁଡ଼ିକ ମଧ୍ୟ ନିମ୍ନୋକ୍ତ ଉଲ୍ଲେଖଯୋଗ୍ୟ ।

ନିଜର ମୌଳିକ ଗବେଷଣାମୂଳକ ଲେଖା ପାଇଁ ୧୯୬୧ରେ ପ୍ରଜାତନ୍ତ୍ର : ବିଷୁବ ମିଳନରେ ସମ୍ମାନିତ । ଭାରତ ସରକାରଙ୍କ ଶିକ୍ଷା ଓ ସମାଜ କଲ୍ୟାଣ ମନ୍ତ୍ରଣାଳୟ (ଶିକ୍ଷା ବିଭାଗ) ଦ୍ୱାରା ତାଙ୍କର ହିନ୍ଦୀରେ ରଚିତ ମୌଳିକ ପୁସ୍ତକ 'ଓଡ଼ିଆ ନାଟକ ଔର ରଙ୍ଗମଞ୍ଚ' (ପ୍ରକାଶକ : ଅଭିନବ ଭାରତୀ-ଆହ୍ଲାବାଦ) ପାଇଁ ୧୯୭୩-୭୪ରେ ସମ୍ମାନିତ । ଉକ୍ତ ପୁସ୍ତକ ପାଇଁ ମଧ୍ୟ ୧୯୭୩-୭୪ରେ ଉତ୍ତରପ୍ରଦେଶ ଶିକ୍ଷା ବିଭାଗ ଦ୍ୱାରା ସମ୍ମାନିତ । ୧୯୭୬-୭୭ରେ ଉତ୍ତରପ୍ରଦେଶ ହିନ୍ଦୀ ସଂସ୍ଥାନ ତଥା ୧୯୮୩ରେ ବିହାର ସରକାରଙ୍କ ରାଜଭାଷା (ହିନ୍ଦୀ) ବିଭାଗ, ପାଟନା ଦ୍ୱାରା ପୁରସ୍କୃତ । ୧୯୯୧ରେ ସେ ତାଙ୍କ ଅନୁବାଦ ପୁସ୍ତକ 'କେତେ ନଚାଇବ ଗୋପାଳ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ୧୯୯୩ରେ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ସମ୍ବର୍ଦ୍ଧିତ କରିଛି । ସେହି ୧୯୯୩ରେ 'ଉତ୍କଳ ସାହିତ୍ୟ ସମାଜ' ତରଫରୁ ପ୍ରବନ୍ଧ ଓ ସମାଲୋଚନା ପୁରସ୍କାର ପାଇଛନ୍ତି । ଏହାବ୍ୟତୀତ, କ୍ଷେତ୍ରବାସୀ ବିଦ୍ୟା ପୁରସ୍କାର ଯଦୁମଣି ସାହିତ୍ୟ ସଂସଦ, ଜଗନ୍ନାଥ ଗବେଷଣା ପରିଷଦ ତଥା 'ଚିନ୍ତାଚେତନା' ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

**ପଦ, ପଦବୀ, ସଦସ୍ୟତା**

ପଣ୍ଡିତ ମିଶ୍ର ତାଙ୍କ ଜୀବନକାଳ ମଧ୍ୟରେ ବହୁ ସାରସ୍ୱତ ଅନୁଷ୍ଠାନର ପଦ-ପଦବୀ ମଣ୍ଡନ କରିବା ସହିତ ସକ୍ରିୟ ସଦସ୍ୟ ଥିଲେ । ଭାରତ ସରକାରଙ୍କ ସଂସ୍କୃତ ଅନୁବାଦ ସମିତିର ସେ ଓଡ଼ିଶାରୁ ପ୍ରଥମ ସଦସ୍ୟ ଥିଲେ । ଏହାବ୍ୟତୀତ ରାଷ୍ଟ୍ରୀୟ ସଂଗ୍ରହାଳୟର କଳାକୃତି କ୍ରୟ ସମିତିର ସଦସ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ, ତାଙ୍କ ଦ୍ୱାରା ପ୍ରତିଷ୍ଠିତ କେଦାରନାଥ ଗବେଷଣା ପ୍ରତିଷ୍ଠାନର ସେ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଷ୍ଠାତା ସଂପାଦକ ଥିଲେ ।

**ସାରସ୍ୱତ ଅନୁଷ୍ଠାନର ଉଦ୍ୟୋକ୍ତା, ସ୍ରଷ୍ଟା ନୀଳମଣି**

ପଣ୍ଡିତ ମିଶ୍ର ଥିଲେ କେତେ ଗୋଟି ସାରସ୍ୱତ ଗବେଷଣା ସଂସ୍ଥାନର ପ୍ରତିଷ୍ଠାତା ଓ ଉଦ୍ୟୋକ୍ତା । କେତେକ ସହିତ ତାଙ୍କର ସଂପୃକ୍ତି ଥିଲା । ଏଥିରୁ ତାଙ୍କର ସାଙ୍ଗଠନିକ ଦକ୍ଷତା ଅନୁମିତ ହୋଇଥାଏ । ପଣ୍ଡିତ ମିଶ୍ର, ନିଜର ସହକର୍ମୀ ଓ ବନ୍ଧୁମାନଙ୍କ (ଡ. ରବିନାରାୟଣ ଦାଶ, ଡ. ଭଗବାନ ପଣ୍ଡା, ଡ. ଦିନନାଥ ପାଠୀ, ଗଣେଶ ପ୍ରସାଦ ପରିଜା, ଡ. ଲକ୍ଷ୍ମଣ କୁମାର ପଣ୍ଡା) ସହାୟତାରେ 'Orissa Cultural Forum' ନାମକ ଅନୁଷ୍ଠାନ ଗଢ଼ିଥିଲେ । ଏହି ଅନୁଷ୍ଠାନ ମାଧ୍ୟମରେ ପାଠକମାନଙ୍କ ଅବଗତି ନିମିତ୍ତ-ଶ୍ରୀଜଗନ୍ନାଥ ସଂସ୍କୃତି, ଶୈବ ସଂସ୍କୃତି, ଶାକ୍ତ ସଂସ୍କୃତି, ଲୋକ ସଂସ୍କୃତି ଉପରେ ପୁସ୍ତକମାନ ପ୍ରକାଶ କରିଥିଲେ ।

ଏହାବ୍ୟତୀତ ସେ 'ଗୋଦାବରୀଶ ସାହିତ୍ୟ ସଂସଦ', ଜଗନ୍ନାଥ ପାଣି ସ୍ମୃତି ସଂସଦ, ସାଲବେଗ ସ୍ମୃତି ସଂସଦ, ରାଷ୍ଟ୍ରଭାଷା ପ୍ରଚାର ସମିତି ଆଦି ଅନୁଷ୍ଠାନଗୁଡ଼ିକର ପରିଚାଳନା ଓ କର୍ମଧାରା ସହିତ ଜଡ଼ିତ ଥିଲେ ।

**ପଣ୍ଡିତ ମିଶ୍ରଙ୍କ ପ୍ରିୟ ଅନୁଷ୍ଠାନ : କେଦାରନାଥ ଗବେଷଣା ପ୍ରତିଷ୍ଠାନ**

୧୯୮୧ ଏପ୍ରିଲ୍ ୨୦ ତାରିଖରେ କେଦାରନାଥ ମହାପାତ୍ର ଇହଧାମ ତ୍ୟାଗ କଲେ । ତାଙ୍କ ସ୍ମୃତିରେ 'କେଦାରନାଥ ଗବେଷଣା ପ୍ରତିଷ୍ଠାନ' ତା.୧୭.୨.୧୯୮୨ରିଖରେ ପ୍ରତିଷ୍ଠା ହେଲା । ଏହି ଅନୁଷ୍ଠାନ ପାଇଁ କେଦାରନାଥଙ୍କ ସାନଭାଇ ତଥା ଭୁବନେଶ୍ୱରର ପୂର୍ବତନ ପୌରପାଳ ଶ୍ରୀ ଗୁଣନିଧି ମହାପାତ୍ରଙ୍କ ଅକୁଣ୍ଠ ସାହାଯ୍ୟ ତଥା ନୀଳମଣି ମିଶ୍ରଙ୍କ ନିରବଚ୍ଛିନ୍ନ ଶ୍ରମ ଓ ସହାୟତା ଅବିସ୍ମରଣୀୟ ଅଟେ । କେଦାରନାଥ ଗବେଷଣା ପ୍ରତିଷ୍ଠାନ ଗଢ଼ିବା ପାଇଁ ସେ ଏପରିକି ତତ୍କାଳୀନ କେନ୍ଦ୍ର ସଂସ୍କୃତି ବିଭାଗ ସଚିବ, କପିଳାବାତ୍ସାୟନଙ୍କଠାରୁ ଆର୍ଥିକ ସହାୟତା ଲୋଡ଼ିଥିଲେ । ସେହିପରି ପାଠାଗାରର ଉପକରଣ, ପୁସ୍ତକ, ପତ୍ରିକା, ପୁରାତନ ପାଣ୍ଡୁଲିପି ଯୋଗାଡ଼ କରିବା ଓ ସେଗୁଡ଼ିକ ସଜାଇ ରଖିବାରେ ବହୁ ଶ୍ରମ କରିଥିଲେ । ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଦରେ ମୃତ୍ୟୁ ପର୍ଯ୍ୟନ୍ତ ସେ ଥିଲେ । ଏହି ପ୍ରତିଷ୍ଠାନର ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ସ୍ୱାଭିମାନର ସ୍ୱାକ୍ଷର ରହିଅଛି । ଯେଉଁମାନେ ପଣ୍ଡିତ ମିଶ୍ରଙ୍କ ଜୀବଦ୍ଦଶାରେ ଏହି ଅନୁଷ୍ଠାନକୁ ପରିଦର୍ଶନରେ ଆସିଛନ୍ତି, ସେମାନେ ତାଙ୍କର ଚଳଚଞ୍ଚଳ କାର୍ଯ୍ୟଧାରା,

ହସ ହସ ମୁହଁ, ଆଗନ୍ତୁକଙ୍କୁ ଶ୍ରଦ୍ଧାର ସହିତ ଆପଣେଇ ନେବାର ଭାବ, ଅନୁଭବ କରିଥିବେ ।

କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଯେତେସବୁ ପୁସ୍ତକ, ପତ୍ରିକା, ପାଣ୍ଡୁଲିପି ସାଇତା ହୋଇ ରହିଛି, ତାହାର ଦିନେ ତତ୍ତ୍ୱାବଧାରକ ଥିଲେ ପଣ୍ଡିତ ମିଶ୍ର । ପ୍ରତିବର୍ଷ ଏହି ଅନୁଷ୍ଠାନ ତରଫରୁ ସ୍ୱର୍ଗତଃ କେଦାରନାଥଙ୍କ ଶ୍ରାଦ୍ଧ ଉତ୍ସବରେ 'ଏକାମ୍ର ସମ୍ମାନ' ତଥା ସ୍ୱର୍ଗତଃ ନୀଳମଣି ମିଶ୍ରଙ୍କ ଜୟନ୍ତୀରେ 'ନୀଳମଣି ସ୍ମୃତି ସମ୍ମାନ', ବିଶିଷ୍ଟ ବିଦ୍ୱାନମାନଙ୍କୁ ପ୍ରଦାନ କରାଯାଏ । ଏହି ଅନୁଷ୍ଠାନଟି ବିନ୍ଦୁସାଗର, ସନ୍ନିକଟ କେଦାର-ଗୌରୀ ମାର୍ଗ, ଭୁବନେଶ୍ୱର-୨୦ରେ ଅବସ୍ଥିତ । ପଣ୍ଡିତ ମିଶ୍ର ନିଜର ଭୀମଟାଙ୍ଗୀସ୍ଥିତ 'ଗୌରୀକୁଟୀର'ରୁ ଆସି ଏହି ଅନୁଷ୍ଠାନରେ ଗବେଷଣା ଓ ପରିଚାଳନା ବୁଝୁଥିଲେ ।

ପ୍ରତିଷ୍ଠାନର ଦୁର୍ଲ୍ଲଭ ପୁସ୍ତକ ତଥା ଦୁଷ୍ପ୍ରାପ୍ୟ ପୋଥିଗୁଡ଼ିକୁ ଯତ୍ନରେ ସାଇତି ରଖିବା ସହିତ ସମଧର୍ମୀ ସାହିତ୍ୟିକଙ୍କୁ ଟାଣି ଆଣି ନିଜ ଦଳରେ ସାମିଲ୍ କରିବା ଓ ନୂତନ ଗବେଷକଙ୍କୁ ଏହିଠାରୁ ପ୍ରେରଣା ଯୋଗାଇବା ଥିଲା ତାଙ୍କର ଅବସର ପରେ ମୁଖ୍ୟ କାର୍ଯ୍ୟ ।

**ବ୍ୟକ୍ତିତ୍ୱ (ସ୍ୱଭାବ, ପାରିବାରିକ ଜୀବନ)**

ସ୍ୱର୍ଗତଃ ପଣ୍ଡିତ ନୀଳମଣି ଦେଖିବାକୁ ଥିଲେ ଦୀର୍ଘକାୟ, ଗୌରବର୍ଣ୍ଣର ମଣିଷଟିଏ । ପରିଧାନ ଭିତରେ ଧୋବ ଫରଫର ଖଦଡ଼ ଧୋତି, ସଫେଦ ପଞ୍ଜାବୀ ସାଙ୍ଗକୁ କାନ୍ଧରେ ଚିରାଚରିତ ଭାବେ ଉତ୍ତରୀୟ । ଗର୍ବ, ଅହଂକାର ଶୂନ୍ୟ ନିରଳସ କର୍ମଯୋଗୀଟିଏ । ପ୍ରଥମ ଦେଖାରେ ଆଗନ୍ତୁକଙ୍କୁ ନିଜର କରିପକାନ୍ତି । ନିରାମିଷ ନିରାଡମ୍ବର ଭୋଜନ । ବନ୍ଧୁ ମେଳରେ ହାସ୍ୟ ପରିହାସ ।

ବହୁ କୁଟୁମ୍ବୀ ପରିବାର ହେତୁ ଅଭାବୀ ଜୀବନ । ପାଞ୍ଚ ଝିଅ ଓ ଦୁଇ ପୁଅ । ସେମାନଙ୍କର ପାଳନ ପୋଷଣ କରି ପଢ଼ାଇ ମଣିଷ କରିବାରେ ସେ ବହୁ ଅନାଟନରେ ପଡ଼ିଥିଲେ । ଆର୍ଥିକ ସୁଧାର ପାଇଁ ଅଣଓଡ଼ିଆ ଘରେ ଟ୍ୟୁସନ କରି କିଛି ଅର୍ଥ ଉପାର୍ଜ୍ଜନ କରୁଥିଲେ । ପିଲାଦିନରୁ ସେ ଥିଲେ ପିତୃମାତୃ ହରା । ଏଣୁ ସ୍ୱ-ପିଲାମାନଙ୍କୁ ସେ ଶ୍ରଦ୍ଧା, ମମତା, ସ୍ନେହ ଯୋଗାଇ ଖୁସି କରୁଥିଲେ । ପାରିବାରିକ ଜଞ୍ଜାଳ ଯନ୍ତ୍ରଣା, ଟଣାଭିଡ଼ା, ଦ୍ୱନ୍ଦ୍ୱ ସଂଘର୍ଷ ମଧ୍ୟରେ ନିଜର କର୍ମାଦର୍ଶ ବଜାୟ ରଖିଥିଲେ । କାରଣ ଭୌତିକ ବିକାଶ ଅପେକ୍ଷା ସେ ନିରନ୍ତର, ଆତ୍ମାର ବିକାଶ ପ୍ରତି ଯତ୍ନଶୀଳ ଥିଲେ । ନିଷ୍ଠା, ଶ୍ରଦ୍ଧା, ସାଧୁତା, ଅଧ୍ୟବସାୟ ଓ ସମୟାନୁବର୍ତ୍ତିତା ତାଙ୍କ ବ୍ୟକ୍ତିତ୍ୱକୁ ପ୍ରଖର କରିଥିଲା । କେତେକ କ୍ଷେତ୍ରରେ ତାଙ୍କଠାରେ ରକ୍ଷଣଶୀଳତାର ମନୋଭାବ ଦେଖା ଦେଲେ ମଧ୍ୟ ଅନେକ କ୍ଷେତ୍ରରେ ସେ ଥିଲେ ଉଦାର ସଂସ୍କାରବାଦୀ । ବିଦ୍‌ବତ୍ତା ସହିତ ସହୃଦୟତା ଥିଲା - ତାଙ୍କର ଚରିତ୍ରର ଭୂଷଣ ।

ସେ ଚମତ୍କାର ଭାବରେ ହିନ୍ଦୀ କହି ପାରୁଥିଲେ । ଓଡ଼ିଶା ବାହାରେ ତଥା ହିନ୍ଦୀ ଭାଷାଭାଷୀ ଅଞ୍ଚଳର ସଭାସମିତି, ଆଲୋଚନା ଚକ୍ରରେ, ସେ ହିନ୍ଦୀରେ ଭାଷଣ ଦେଇ, ହିନ୍ଦୀ ସାହିତ୍ୟର ବିଦ୍ୱାନମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲେ । ତାଙ୍କର ଉଚ୍ଚାରଣ ଶୈଳୀ ଖୁବ୍ ମାର୍ଜିତ ଓ ତ୍ରୁଟି ଶୂନ୍ୟ ଥିଲା ।

ମୋଟାମୋଟି କହିବାକୁ ଗଲେ - ଜଣେ ଦାୟିତ୍ୱଶୀଳ ଆଦର୍ଶ ଗୃହସ୍ଥ, ଜଣେ ସ୍ନେହଶୀଳ ପିତା, ଆତ୍ମୀୟ ପରିଜନଙ୍କ ପାଖରେ ଜଣେ ଶୁଭାକାଂକ୍ଷୀ ଓ ପରୋପକାରୀ ବନ୍ଧୁ, ସାରସ୍ୱତ କ୍ଷେତ୍ରରେ ଜଣେ ନିଷ୍ଠାପର ସାଧକ, ଜଣେ ସୁବକ୍ତା, ଉତ୍ତମ ସଂଗଠକ, ବହୁମୁଖୀ ଓ ବହୁଦର୍ଶୀ ଆଲୋଚକ ଭାବରେ ନିଜର ବ୍ୟକ୍ତିତ୍ୱକୁ ପରିପୁଷ୍ଟ କରିଥିଲେ ।

**ଶେଷ ଯାତ୍ରା**

ଓଡ଼ିଶାର ଏହି ବହୁକର୍ମା ବିଦ୍ୱାନ ସାରସ୍ୱତ ପୁରୁଷଙ୍କର ଶ୍ୱାସଜନିତ ରୋଗରେ ମୃତ୍ୟୁ ହୁଏ ତା୩.୧୦.୧୯୯୭ରିଖରେ ଏବଂ ମରଦେହକୁ ପୁରୁଣା ଭୁବନେଶ୍ୱରସ୍ଥିତ ଗରାବଡୁ ମଶାଣିରେ ଦାହ କରାଯାଏ । ତାଙ୍କର ମୃତ୍ୟୁ ଖବର ପାଇ ବହୁ ଶାସକୀୟ ପ୍ରତିନିଧି, ବରିଷ୍ଠ ସାହିତ୍ୟିକ, ଐତିହାସିକ ଓ ସାଧାରଣ ଜନତା ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ ।

ତାଙ୍କ ଦଶାହ (ତା.୧୨.୧୦.୧୯୯୭) ଉପଲକ୍ଷେ ସଂସ୍କୃତି ବିଭାଗ, ନେହେରୁ ଯୁବ ପ୍ରତିଷ୍ଠାନ, ଜୟଦେବ ସାଂସ୍କୃତିକ ପରିଷଦ ତଥା କେଦାରନାଥ ଗବେଷଣା ପ୍ରତିଷ୍ଠାନର ମିଳିତ ଉଦ୍ୟମରେ, ସୂଚନା ଭବନଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଡ. ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ସଂସ୍କୃତି ମନ୍ତ୍ରୀ ଗଙ୍ଗାଧର ମହାପାତ୍ର, ବହୁ ବିଦ୍ୱାନ ଗବେଷକ ଓ ତାଙ୍କ ସହକର୍ମୀ ଓ ସାଥୀ ମଧ୍ୟରେ ଡ. ଭଗବାନ ପଣ୍ଡା, ଡ. ହରିଶ୍ଚନ୍ଦ୍ର ଦାସ, ଡ. ରବିନାରାୟଣ ଦାଶ, ଶ୍ରୀ ଗୁଣନିଧି ମହାପାତ୍ର ପ୍ରଭୃତି ଉପସ୍ଥିତ ରହି ପଣ୍ଡିତ ମିଶ୍ରଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ ।

ଏହି ଅବସରରେ 'ପଣ୍ଡିତ ନୀଳମଣି ମିଶ୍ର ସ୍ମୃତି ସଂସଦ', କୋଟିତୀର୍ଥ ମାର୍ଗ, ଭୁବନେଶ୍ୱର-୨ ତରଫରୁ 'ନୀଳାଦ୍ରି' ନାମକ ସ୍ମୃତି ଗ୍ରନ୍ଥ ଉନ୍ମୋଚିତ ହୋଇଥିଲା । ଏଥିରେ ବହୁ ବିଦ୍ୱାନ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିଚାରଣମୂଳକ ଲେଖା ସନ୍ନିବିଷ୍ଟ ହୋଇଛି । ଉକ୍ତ ପତ୍ରିକାର ସମ୍ପାଦନା କରିଥିଲେ ତାଙ୍କର ଜଣେ ଅନ୍ତରଙ୍ଗ ସହକର୍ମୀ ଓ ଅନୁଗାମୀ ବନ୍ଧୁ ଡ. ଭଗବାନ ପଣ୍ଡା । ଏହିପରି ତାଙ୍କର ଅଭିମତ ଥିଲା -

'ତାଙ୍କର (ପଣ୍ଡିତ ମିଶ୍ରଙ୍କର) ନିରଳସ ସାଧନା, ନିରଭିମାନତା, ସ୍ୱମୁଖନିରଭିଳକ୍ଷିତା, ନୂତନ ତଥ୍ୟ ଉନ୍ମୋଚନ ନିମିତ୍ତ ବ୍ୟାକୁଳତା, କର୍ତ୍ତବ୍ୟ ପରାୟଣତା, ସର୍ବୋପରି ନିଜର ଭାଷା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ତଥା ପ୍ରସାର ପାଇଁ ମମତା ଥିଲା ଅତୁଳନୀୟ ଓ ଅପରିସୀମ । ଶ୍ରୀମଦ୍ ଭଗବତ ଗୀତାର ପ୍ରୟୋଗିକ ରୂପ ତାଙ୍କ ଜୀବନର ସ୍ୱଭାବ, ଚରିତ୍ର ଓ କାର୍ଯ୍ୟଧାରାରେ ପ୍ରତିଫଳିତ ହୋଇଥିଲା ।'

(ସଂପାଦକୀୟ 'ନୀଳାଦ୍ରି')। ବାସ୍ତବରେ ତାଙ୍କୁ ଯେଉଁମାନେ ଅତି ପାଖରୁ ଦେଖିଛନ୍ତି, ତାଙ୍କ ସହ ମିଶିଛନ୍ତି, ତାଙ୍କଠାରୁ ପରାମର୍ଶ ଗ୍ରହଣ କରିଛନ୍ତି ଓ ତାଙ୍କ ସହିତ ମିଶି କାମ କରିଛନ୍ତି, ସେମାନେ ସମସ୍ତେ ଉପଲବ୍ଧି କରିଛନ୍ତି ତାଙ୍କର ଅତୁଳନୀୟ ବିଦ୍‌ବତ୍ତାକୁ, ପାଣ୍ଡିତ୍ୟ ଆଉ କର୍ମନିଷ୍ଠାକୁ। ସେମାନେ ସମସ୍ତେ ତାଙ୍କର ସୌଜନ୍ୟମୁଗ୍ଧ ବ୍ୟକ୍ତିତ୍ୱର ବିମୁଗ୍ଧ ସ୍ତାବକ ପାଲଟି ଯାଇଛନ୍ତି।

ସ୍ୱର୍ଗତଃ ପଣ୍ଡିତ ଥିଲେ ଜଣେ ପ୍ରବାଦ ପୁରୁଷ। ଆମ ସମସ୍ତଙ୍କର ନମସ୍ୟ। ଏହି ପ୍ରଜ୍ଞାପୁରୁଷଙ୍କର କୃତିତ୍ୱ ମୂଲ୍ୟାୟନ କରିବା କଠିନ ବ୍ୟାପାର ଅଟେ।

**ସହାୟକ ଗ୍ରନ୍ଥସୂଚୀ**


୧. ନୀଳାଦ୍ରି - ପ୍ରକାଶକ: ପଣ୍ଡିତ ନୀଳମଣି ମିଶ୍ର ସ୍ମୃତି ସଂସଦ, କୋଟିତୀର୍ଥ ମାର୍ଗ, ଭୁବନେଶ୍ୱର-୨, ପ୍ରକାଶନ କାଳ: ୧୯୯୭।

୨. ଉତ୍କଳୀୟ ସଂସ୍କୃତି - ସଂଖ୍ୟା: ୧୯, ଏପ୍ରିଲ୍-୨୦୦୫, ପ୍ରକାଶକ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, କେଦାର-ଗୌରୀ ମାର୍ଗ, ଭୁବନେଶ୍ୱର-୨।



ଅଭିନନ୍ଦନ
୩୫, ବସନ୍ତ ବିହାର
ବ୍ରହ୍ମେଶ୍ୱର ମନ୍ଦିର ମାର୍ଗ, ଭୁବନେଶ୍ୱର-୨


---

# ଏଇ ସେ ଉତ୍କଳ ଭୂଇଁ

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ

ଏଇ ସେ ଉତ୍କଳ ଭୂଇଁ
ବଡ଼ ଦେଉଳରେ ବଡ଼ବାନା ଯହିଁ
ଫର ଫର ଉଡ଼େ ଗଗନ ଛୁଇଁ ॥
ହସେ ଫଳ-ଫୁଲ-ତଟିନୀ-ଗିରି
ବନ-ବିଲ ଯା'ର ବଢ଼ାଏ ଶିରୀ
କଳାମୟୀ ଏଇ କଳିଙ୍ଗ ଭୂଇଁରେ
ଜନମ ପାଇଛି ମୁଇଁରେ ମୁଇଁ
ଏଇ ସେ ଉତ୍କଳ ଭୂଇଁ ... ॥
ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ
ଜାଗରଣ-ପଥେ ନିରତେ ଧାଇଁ
ଜାତୀୟ ଚେତନା ଗଢ଼ି ଥୋଇ ଦେଲେ
ବରପୁତ୍ରଗଣ ଉଠିଲେ ଚେଇଁ
ଏଇ ସେ ଉତ୍କଳ ଭୂଇଁ ... ॥
ବଦଳିଲା ଆମ ରାଇଜ ରୂପ
ନାହିଁ ଗଡ଼ଜାତ ନାହାନ୍ତି ନୃପ
ଜାତୀୟ ଜୀବନ ବିକଶିତ ହେଲା
ଅଭିନବ-ରବି ଉଠିଲା ଉଇଁ
ଏଇ ସେ ଉତ୍କଳ ଭୂଇଁ ... ॥
ଭେଦାଭେଦ ଭାବ ନ ରଖି ମନେ
ଆସରେ କହିବା ଜାତିର କର୍ଣ୍ଣେ
'ନୂଆ ଶିଳ୍ପରାଜି ସରଜନା କରି
ହସି ହସାଇବା ଓଡ଼ିଶା ଭୂଇଁ'
ଏଇ ସେ ଉତ୍କଳ ଭୂଇଁ ... ॥


ସହକାରୀ ସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର